# ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ,ସୁକିନ୍ଦା

## ନୋଟିସ

ନଂ ୪୧୯୮ /ତାରିଖ ୦୮.୧୧.୨୩

ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଉଚିତ ମୂଲ୍ୟ ଓ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ର ଧାରା ୫ ଓ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଉଚିତ ମୂଲ୍ୟ ଓ ସ୍ୱଚ୍ଛତା ଅଧିକାର ନିୟମ ୧୪ (୧) ଅନୁସାରେ, **"ସୁକରଙ୍ଗି ଖଣି ଲିଜ ଅଞ୍ଚଳ ମଧ୍ୟରେ ମାଲବାହୀ ଗାଡି ଯାତାୟାତ ରାସ୍ତା ନିର୍ମାଣ"** ଏବଂ **"ଦକ୍ଷିଣ କାଳିଆପାଣି ଖଣିର ଖଣି ଲିଜ କ୍ଷେତ୍ର ମଧ୍ୟରେ ଡମ୍ପ ବିସ୍ତାର"** ନିମନ୍ତେ ଯାଜପୁର ଜିଲ୍ଲାର ସୁକିନ୍ଦା ତହସିଲସ୍ଥିତ ମୌଜା ସୁକରଙ୍ଗି ଓ ସାରୁଆବିଲରେ ଅଧିଗ୍ରହଣ ହେବାକୁ ଥିବା ଜମିମାଲିକ ଓ ଅଧିଗ୍ରହଣ ଜମି ଉପରେ ସ୍ୱାର୍ଥ ଦାବି କରୁଥିବା ବ୍ୟକ୍ତିମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି ଯେ, ଆସନ୍ତା **ତା ୨୨.୧୧.୨୦୨୩ ରିଖ ବୁଧବାର** ସକାଳ **ଘ ୧୦.୩୦ ମି ସମୟରେ କାଳିଆପାଣି** ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ସୁକରଙ୍ଗି ମୌଜାର ଖାତା ୨୪ ର ପ୍ଲଟ ୧୨୯ ଉପରେ ଥିବା **ଯାତ୍ରାପଡିଆଠାରେ** ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚିଠା ବିବରଣୀର ଚୂଡାନ୍ତ ବିବରଣୀ ପ୍ରସ୍ତୁତ ନିମନ୍ତେ ଆହୁତ ଜନଶୁଣାଣିରେ ଉପସ୍ଥିତ ରହି ନିଜର ଅତିରିକ୍ତ ତଥ୍ୟ ଓ ମତ ପ୍ରକାଶ କରିବା ହେବେ ।

**ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ,ସୁକିନ୍ଦା**

ଜ୍ଞାପକ ସଂଖ୍ୟା ୪୧୯୯ / ତାରିଖ ୦୮.୧୧.୨୩/

ଏହାର ଏକାକିତା ନକଲ **ସରପଞ୍ଚ, କାଳିଆପାଣି ଏବଂ ସରପଞ୍ଚ, କଂସ** ଗ୍ରାମପଞ୍ଚାୟତଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଏବଂ ଅନୁରୋଧ କରାଯାଉଅଛି କି ଉପରୋକ୍ତ ନୋଟିସକୁ ଗ୍ରାମପଞ୍ଚାୟତ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରିବେ।

**ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ,ସୁକିନ୍ଦା**

ଜ୍ଞାପକ ସଂଖ୍ୟା ୪୨୦୦ / ତାରିଖ ୦୮.୧୧.୨୩/

ଏହାର ଏକାକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଜାତୀୟ ସୂଚନା କେନ୍ଦ୍ର, ଯାଜପୁରଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଏବଂ ଅନୁରୋଧ କରାଯାଉଅଛି କି ଉପରୋକ୍ତ ନୋଟିସକୁ ଜିଲ୍ଲା ୱେବସାଇଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରିବେ।

**ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ,ସୁକିନ୍ଦା**

Scanned with AnyScanner